# ବାଲ୍ୟ ବିବାହ ନିରୋଧ ଅଧିନିୟମ, ୨୦୦୬
# Prohibition of Child Marriage Act, 2006
# ଓଡ଼ିଶା ବାଲ୍ୟ ବିବାହ ନିରୋଧ ନିୟମ, ୨୦୦୯
# Odisha Prohibition of Child Marriage Rule, 2009

ଅନ୍ଧବିଶ୍ୱାସ, ସାମାଜିକ ଓ ପାରମ୍ପରିକ ଚଳଣିର ବଶବର୍ତ୍ତୀ ହୋଇ କିମ୍ବା ଝିଅକୁ ବୋଝ ଭାବି ଲୋକେ କନ୍ୟା ବା ପୁତ୍ରଙ୍କୁ ବାଲ୍ୟ ଅବସ୍ଥାରେ ବିବାହ କରାଇଥାନ୍ତି । ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷରୁ କମ୍ ବୟସର ପୁଅର ବିବାହ ବାଲ୍ୟ ବିବାହ ନିରୋଧ ଅଧିନିୟମ, ୨୦୦୬ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ।

## କ) ଏହି ଆଇନ୍‌ରେ ଥିବା ବ୍ୟବସ୍ଥା

- ବାଲ୍ୟ ବିବାହର ପ୍ରତିରୋଧ
- ବାଲ୍ୟ ବିବାହରୁ ସୁରକ୍ଷା
- ଅପରାଧି ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ

## ଖ) ଏହି ଆଇନ୍ ଅନୁଯାୟୀ ଦଣ୍ଡ ପାଇବାର ଯୋଗ୍ୟ

- ଜଣେ ବୟସ୍କ ପୁରୁଷ ଯଦି ନାବାଳିକା କନ୍ୟାଙ୍କୁ ବିବାହ କରେ
- ଅଭିଭାବକ, ବାପା, ମା' ଏବଂ ଯେକୌଣସି ଅନ୍ୟ ବ୍ୟକ୍ତି ବିଶେଷ, ଅନୁଷ୍ଠାନ, ଯଦି ବାଲ୍ୟ ବିବାହକୁ ପ୍ରୋତ୍ସାହନ କରନ୍ତି କିମ୍ବା ଅନୁମୋଦନ କରନ୍ତି

## ଗ) ବାଲ୍ୟ ବିବାହ ନିରୋଧ ଅଧିକାରୀ

- ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (CDPO) ମାନଙ୍କୁ ଓଡ଼ିଶା ସରକାର ''ବାଲ୍ୟ ବିବାହ ନିରୋଧ ଅଧିକାରୀ'' (CMPO) ଭାବରେ ଅଭିହିତ କରିଛନ୍ତି ।
- ରାଜ୍ୟ ସ୍ତରରେ ମହିଳା ଶିଶୁ ବିକାଶ ଓ ମିଶନ୍ ଶକ୍ତି ବିଭାଗରେ କାର୍ଯ୍ୟରତ ନିର୍ଦ୍ଦେଶକ, ଆଇ.ସି.ଡି.ଏସ୍ ଓ ସମାଜ କଲ୍ୟାଣ ''ମୁଖ୍ୟ ବାଲ୍ୟ ବିବାହ ନିରୋଧ ଅଧିକାରୀ'' ଭାବରେ ଓଡ଼ିଶା ସରକାର ନିଯୁକ୍ତ କରିଛନ୍ତି ।
- ପ୍ରତ୍ୟେକ ଜିଲ୍ଲାପାଳ ଜିଲ୍ଲା ନୋଡାଲ୍ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି ।

## ଘ) ବାଲ୍ୟ ବିବାହ ସମ୍ବନ୍ଧରେ ଅଭିଯୋଗ ଗ୍ରହଣ କରୁଥିବା ଅଧିକାରୀ

- ବାଲ୍ୟ ବିବାହ ନିରୋଧ ଅଧିକାରୀ କିମ୍ବା ପୋଲିସ୍, କିମ୍ବା ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ୍
- ଶିଶୁ କଲ୍ୟାଣ କମିଟି କିମ୍ବା ଶିଶୁ କଲ୍ୟାଣ କମିଟିର ସଦସ୍ୟ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍

## ଙ) ବାଲ୍ୟ ବିବାହ ସମ୍ବନ୍ଧରେ ଅଭିଯୋଗ କରିପାରିବେ

- ଯେ କୌଣସି ବ୍ୟକ୍ତି / ପିତା / ମାତା / ଅଭିଭାବକ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର

- ସୂଚନା ରଖିଥିବା ବ୍ୟକ୍ତି / ସ୍ୱେଚ୍ଛାସେବୀ ସଂସ୍ଥା / ପଞ୍ଚାୟତ ପ୍ରତିନିଧି / ଗ୍ରାମ ସ୍ତରରେ ଥିବା ଶିକ୍ଷକ / ଡାକ୍ତର / ସ୍ୱାସ୍ଥ୍ୟ କର୍ମୀ /ଗ୍ରାମ୍ୟସ୍ତରୀୟ କର୍ମୀ / ସ୍ୱୟଂ ସହାୟକ ଦଳର ସଭ୍ୟା / ଗାଁର ବୟସ୍କ / ପଡୋଶୀ ଇତ୍ୟାଦି

## ଚ) ବାଲ୍ୟ ବିବାହ ନିରୋଧ ଅଧିକାରୀଙ୍କ କାର୍ଯ୍ୟ

- ପ୍ରତିଟି ବାଲ୍ୟ ବିବାହକୁ ବିରୋଧ କରିବା
- ଲୋକଙ୍କ ମଧ୍ୟରେ ବାଲ୍ୟ ବିବାହ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା
- ଦୋଷୀକୁ ଦଣ୍ଡ ଦେବା ପାଇଁ ପ୍ରମାଣ ଯୋଗାଡ କରିବା
- ବାଲ୍ୟ ବିବାହ ସମ୍ପର୍କିତ କୌଣସି ଅଭିଯୋଗ ଆସିଲେ ତାହାକୁ ନିୟମର ଫର୍ମ- ୨ ରେ ଲିପିବଦ୍ଧ କରି ଯାଞ୍ଚ କରିବା ଏବଂ ଫର୍ମ-୩ ରେ ଅଦାଲତକୁ ରିପୋର୍ଟ କରିବା । (ପୋଲିସ୍ ଏ ସମସ୍ତ କାମରେ ବାଲ୍ୟ ବିବାହ ନିରୋଧ ଅଧିକାରୀକୁ ସହଯୋଗ କରିବେ ।)

## ଛ) ଦଣ୍ଡ ଓ ଅନ୍ୟାନ୍ୟ ବିଧାନର ବ୍ୟବସ୍ଥା

- ଯେଉଁ ବାଲ୍ୟ ବିବାହକୁ କୋର୍ଟ ନିଷିଦ୍ଧ କରିବେ, ସେ କ୍ଷେତ୍ରରେ ପିତାମାତା ବା ଅଭିଭାବକଙ୍କୁ ବିବାହ ବାବଦକୁ ପାଇଥିବା ଟଙ୍କା ସୁନା ଗହଣା ବା ଉପହାରକୁ କନ୍ୟାର ପିତାମାତା ବା ଅଭିଭାବକଙ୍କୁ ଫେରାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବେ । (ଧାରା ୩(୪))
- ବାଲ୍ୟ ବିବାହ କାରଣରୁ ଜନ୍ମିତ ପ୍ରତ୍ୟେକ ଶିଶୁ ବୈଧ ଅଟନ୍ତି ଏବଂ ଆଇନତଃ ସବୁ ସାମ୍ବିଧାନିକ ସୁବିଧା ସୁଯୋଗ ପାଇବାର ଅଧିକାରୀ ଅଟନ୍ତି । (ଧାରା ୬)
- ଯଦି ଜଣେ ପ୍ରାପ୍ତ ବୟସ୍କ ପୁରୁଷ ଏକ ଅପ୍ରାପ୍ତ ବୟସ୍କ ଝିଅକୁ ବିବାହ କରନ୍ତି, ତେବେ ତାଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି । (ଧାରା ୯)
- ଯେ କେହି ବ୍ୟକ୍ତି ବାଲ୍ୟ ବିବାହକୁ ସମ୍ପାଦନ, ପରିଚାଳନା, ନିର୍ଦ୍ଦେଶ, ପ୍ରୋରଚନା କରିବେ, ତେବେ ତାଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଦଣ୍ଡ ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । (ଧାରା ୧୦)
- ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିଥିବା, ବାଲ୍ୟ ବିବାହରେ ଯୋଗ ଦେଇଥିବା, ବାଲ୍ୟ ବିବାହ କରାଇବାରେ ସହାୟକ ହୋଇଥିବା, ଅବହେଳା ବଶତଃ ବାଲ୍ୟ ବିବାହକୁ ପ୍ରତିରୋଧ କରିନଥିବା ଯେ କୌଣସି ବ୍ୟକ୍ତି ଯଥା ପିତାମାତା, ଅଭିଭାବକ ଇତ୍ୟାଦି ବାଲ୍ୟ ବିବାହ ନିରୋଧ ଅଧିନିୟମ ଅନୁଯାୟୀ ୨ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଦଣ୍ଡ ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି । (ଧାରା ୧୧.୧)
- ବାଲ୍ୟ ବିବାହ ଆଳରେ ଅପ୍ରାପ୍ତ ବୟସ୍କା ବାଳିକା/ବାଳକକୁ ବିବାହ ପାଇଁ ଯଦି ବିକ୍ରି କରାଯାଏ, ଅଥବା ବିବାହ ପରେ ତାକୁ ଅନ୍ୟତ୍ର ଚାଲାଣ କରାଯାଏ ବା ବେଶ୍ୟା ବୃତ୍ତିରେ ବ୍ୟବହାର କରାଯାଏ, ତେବେ ସେହି ବାଲ୍ୟ ବିବାହ ଗୁଡିକୁ ନିୟମତଃ ଅବୈଧ ବୋଲି ଧରାଯାଇଥାଏ । (ଧାରା ୧୨)
- ବାଲ୍ୟ ବିବାହ ଏକ ଧର୍ତ୍ତବ୍ୟ ଓ ଜାମିନ୍ ବିହୀନ ଅପରାଧ ଅଟେ । (ଧାରା ୧୫)

ସଙ୍କଳନ :
ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର,
ମହିଳା ଶିଶୁ ବିକାଶ ଓ ମିଶନ୍ ଶକ୍ତି ବିଭାଗ, ଓଡ଼ିଶା